## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅରୋଜିତ୍
ପରିବାରବର୍ଗ


ସ୍ମୃତି ସୁହାନୀ
ପରିବାରବର୍ଗ


ଦେବାଶିଷ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified

real estate

## SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Sthtiban developed plot with Revenue Road and electricity near Patia Railway Station. 7978441564. D-10680

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65528

70,000/- booking ଦେଇ Xavier University ପାଖରେ plotର ମାଲିକ ହୁଅନ୍ତୁ: 6371481421. D-65452

Shop-cum-residence at Bapuji Nagar located near Rajmahal Square. Contact: rabibehera1@aol.com, Ph: 8144750457. D-62153

Prime land on Puri Konark Marine drive on NH 2800 sqft. cost 35 lakhs (Negotiable). Conatct: 9338579645.D-64939

Gharabari ST plot 2000 sqft. (2nos.) Vipul Garden front, Ghatikia, Bhubaneswar: 7381564227. D-56453

2000 sqft. plot (12Nos.) at Sankarpur, Vipul Garden backside Ghatikia, Bhubaneswar (electricity, supply water, 30ft. road). 7381564227. D-56454

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329

healthcare

Ayurvedic full body massage ladies/ gents smart experts therapist. 9114697517. D-64698

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

In The Court of The Judge,
Family Court, Bhubaneswar,
Khordha, Odisha
C.P.Case No. 990/2018
Smrutirekha Behera ...Petitioner.
Versus
Bharat Kumar Nayak ... Respondent
NOTICE U/O-5, RULES 20 OF CPC
To
Sole Respondent

Bharat Kumar Nayak, aged about 32 years, Son of Nidhiram Nayak, Village/ Po/ Ps- Sabaranga, Dist-Bhadrak, Odisha, At present Qrs. No. 2RA, Unit-9 P.S.Sahid Nagar, Bhubaneswar, Dist-Khordha, Odisha.

Take notice that the petitioner has filed an application U/S.25 of special Marriage Act agaist you and the court is satisfied that you are trying to intentionally and deliberately avoiding to receive the summons sent through court and by registered post and the court is also satisified that the summons can not be serve on you in ordinary process.

You are therefore directed to appear before this court on 15.02.2019 at 10.30 A.M. to answer all the points on your behalf in the petition for the nullity of marriage. On default of your appearance the case shall heard and determined in your absence exparte.

Given under my hand and seal of this court this 18th day of January 2019.

Bhubaneswar. Dt.18.1.19
Sd/- A.k. Singh
Judge, Family Court,
Bhubaneswar, Khordha,
Odisha.

D-65154

## ଜନ୍ମଦିନ ଶୁଭେଚ୍ଛା



(ବାବୁନ୍)
ଏ.କେ. ମୟଙ୍କ
ଜୟଦେବ ବିହାର, ଲେନ୍-୩, ଭୁବନେଶ୍ୱର

ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥକୁ ପୁଷ୍ପିତ କରନ୍ତୁ। ଶୁଭେଚ୍ଛା ସହ: ବଡମା- ଶର୍ମିଳା, ବଡବାପା- ସୁନୀଲ କୁମାର, ଆଈ- ଶରସୀ, ଅଜା- ରାଜେନ୍ଦ୍ର, ମାମୁ- ବଣ୍ଟି ଓ ଗୁଲୁ, ମା-ବାପା: କଲ୍ୟାଣୀ- ଅନିଲ କୁମାର ଏବଂ ଆତ୍ମୀୟସ୍ୱଜନ, ଜେଜେମା- ସୁନାଶଗଡ। ଧ-୧୦୭୨୬


## ପ୍ରେମ ବ୍ୟାପାରକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୨୩।୧(ବ୍ୟୁରୋ)- ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ଯୁବକ ଲାଇନପଡା ବସ୍ତି ଅଞ୍ଚଳର କାଳୀଚରଣ ସିଂ ଏ ନେଇ ବୁଧବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କାଳୀଚରଣଙ୍କ ପରିବାର ଲୋକେ କୌଣସି କାମରେ ବାହାରକୁ ଯାଇଥିବା ବେଳେ ସେ ମଙ୍ଗଳବାର ରାତିରେ ଘରେ ଏକା ଥିଲେ। ରାତି ପ୍ରାୟ ସାଢେ ୧୧ଟାରେ କେତେଜଣ ଯୁବକ କବାଟ ବାଡେଇଥିଲେ। କାଳୀଚରଣ କବାଟ ଖୋଲିବା ପରେ ୪ ଯୁବକ ତାଙ୍କୁ ଲୁହା ରଡ୍‌ରେ ଅତର୍କିତ ଆକ୍ରମଣ କରିଥିଲେ। କାଳୀଚରଣଙ୍କ ଚିତ୍କାର ଶୁଣି ସ୍ଥାନୀୟ ପଡୋଶୀ ଲୋକ ଜମା ହୋଇଯିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକେ କାଳୀଚରଣଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କାଳୀଚରଣଙ୍କ ମୁଣ୍ଡରେ ୧୨ଟି ଷ୍ଟିଚ୍ ପଡିଥିବାବେଳେ ତାଙ୍କ ଗୋଡ ମଧ୍ୟ ଭାଙ୍ଗିଯାଇଛି। କାଳୀଚରଣଙ୍କ ମା' ଗଣମାଧ୍ୟମକୁ କହିଛନ୍ତି ଯେ, କାଳୀଚରଣ ଜଣେ ଯୁବତୀଙ୍କୁ ଭଲ ପାଉଛନ୍ତି। ସେମାନେ ପରସ୍ପରଙ୍କୁ ବିବାହ କରିବେ ବୋଲି ସ୍ଥିର କରିଛନ୍ତି। କିନ୍ତୁ ସ୍ଥାନୀୟ କେତେଜଣ ଯୁବକ ସେମାନଙ୍କୁ ବିରୋଧ କରି ଏପରି ମରଣାନ୍ତକ ଆକ୍ରମଣ କରିଛନ୍ତି।

## ଖଟିରେ ଖଟିରେ...

### ଅସୁବିଧା ନାହିଁ

ନିର୍ବାଚନ ପାଖେଇ ଆସୁଛି। ଖଟିରେ ଗପୁଡାଙ୍କ ସଂଖ୍ୟାରେ ଆଶାତୀତ ବୃଦ୍ଧି ହୋଇଚାଲିଛି। ଅନୁରୂପ ଭାବେ ରାଜ୍ୟ ରାଜନୀତିରେ ନିର୍ଦ୍ଦଳୀୟ ନେତାଙ୍କ ସଂଖ୍ୟା ବୃଦ୍ଧି ହୋଇଚାଲିଛି। ସେହି ତାଲିକାରେ କୋରାପୁଟ ନେତା ଆଉ ଜଣେ କୂଟନୀତିଆଙ୍କ ନାଁ ଯୋଡି ହୋଇଯାଇଛି। ତେଣୁ ଚର୍ଚ୍ଚାକୁ ୨ ଜଣ ପଶିଆସିଛନ୍ତି। ଖଟିରେ ଏହାକୁ ନେଇ ଜଣେ ବରିଷ୍ଠ ବ୍ୟକ୍ତି କହିଲେ, ଏହି ଦୁଇ ଜଣଙ୍କ ବିଦାୟ ଖଣି ମାନ୍ୟବରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ଭାଇ ସହ ମିଶି ପାପୁଲିରେ ଶଙ୍ଖ ଜାବୁଡି ଧରେଇଦେବାର ବେଳ। ଏହାଶୁଣି ଖଣି ମାନ୍ୟବରଙ୍କ ଜଣେ ପ୍ରଶଂସକ କହିଲେ, ସେମିତି କିଛି ହେବନି। ପାପୁଲି ହିଁ ସରକାର କରିବ। ଏହାକୁ ବରିଷ୍ଠ ବ୍ୟକ୍ତି ଗ୍ରହଣ କରିପାରିଲେନି। ହାଲକା ରାଗିକରି କହିଲେ, ଦାନ୍ତବିହୀନ କମ୍ପାନୀ ତ ଝାରସୁଗୁଡା ମାନ୍ୟବରଙ୍କୁ ନେଇ ଶଙ୍ଖ ଖୁଆଡରେ ପକାଇଲା। ସୁନ୍ଦରଗଡ, ସାଲେପୁର, ରାଜନଗର ମାନ୍ୟବରଙ୍କ ମତିଗତି ଜଣାନାହିଁ। କୋରାପୁଟ ନେତା ଯେମିତି ମାତିଛନ୍ତି, ଟେବୁଲ ଚଢା ମାନ୍ୟବରଙ୍କ ସ୍ଥିତି ଟଳିଯିବ। ତେଣୁ ପାପୁଲି କଥା ନୁହେଁ। ଫୁଲ ମାତିଛି, କିଛି ହେଇପାରେ। ଅବଶ୍ୟ ଖଣି ମାନ୍ୟବରଙ୍କ ଭାଇ ଶଙ୍ଖରେ। ତେଣୁ ଭାଇ ଦଳର ସଫଳତାକୁ ନିଜର ସଫଳତା ବୋଲି ବଖାଣିବାରେ, କୌଣସି ଅସୁବିଧା ନାହିଁ।


## ମନେ ପଡନ୍ତି



ସ୍ୱର୍ଗତ ଭଗବାନ ସାହୁ
ପୂର୍ବତନ କାର୍ଯ୍ୟକାରୀ ସଭାପତି
ସୁନ୍ଦରା ଜାଗା ଓ ଲବଣୀଖିଆ ଟ୍ରଷ୍ଟ ସଭାପତି
ତିରୋଧାନ: ୧୪।୦୧।୨୦୧୯

ଆପଣଙ୍କ ସାମାଜିକ ସେବା ଆନୁଷ୍ଠାନିକ କାର୍ଯ୍ୟକ୍ରମ, ସ୍ୱାଭିମାନ ଓ ନିର୍ଭୀକତା ତଥା ଜନପ୍ରିୟତା ସଦାସର୍ବଦା ସ୍ମୃତି ହୋଇ ରହିବ ଏବଂ ପ୍ରେରଣା ଦେଉଥିବା ଆଜି ତୁମ ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ଶୋକସନ୍ତପ୍ତ: ପୁତ୍ରମାନେ, ପରିବାର ଓ ବନ୍ଧୁବର୍ଗ, ବିଧାୟକ ତଥା ମାନ୍ୟବର ମନ୍ତ୍ରୀ- ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି, ସୁନ୍ଦରା ଜାଗାର ସମସ୍ତ ସଭ୍ୟବୃନ୍ଦ, ଲବଣୀଖିଆ ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟ ଓ କୁଣ୍ଢାଇବେଣ୍ଟ ସାହିର ସମସ୍ତ ସାହି ବାସିନ୍ଦାବୃନ୍ଦ। ଧ-୬୩୭୫୪


## ଲୁଟ୍‌ବେଳେ ବାଇକ୍‌ରୁ ଖସିପଡ଼ିଲେ ୨ ଲୁଟେରା

ଭୁବନେଶ୍ୱର, ୨୩।୧(ବ୍ୟୁରୋ)- ଚନ୍ଦ୍ରଶେଖରପୁର ଥାନା ଅଧୀନ ଡମଣା ଛକରେ ଜଣେ ଯୁବକଙ୍କଠାରୁ ମୋବାଇଲ ଏବଂ ବ୍ୟାଗ ଲୁଟ୍ କରିବାବେଳେ ବାଇକ୍‌ରୁ ଖସି ଦୁର୍ଘଟଣାର ଶିକାର ହୋଇଛନ୍ତି ୨ ଲୁଟେରା। ପୋଲିସ ଉଭୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦଶପଲ୍ଲା ଖେମାରସାହି ଅଞ୍ଚଳର ଦୀପକ ବେହେରା ଓରଫ ଦୀପୁ(୨୪) ଏବଂ କଟକ ଜିଲା ଟାଙ୍ଗୀ ଅଞ୍ଚଳର ମହମ୍ମଦ ହାସନ ଖାନ(୨୦)। ମଞ୍ଚେଶ୍ୱର ଥାନା ଚକେଇସିହାଣୀ ଅଞ୍ଚଳର ଶୁଭ୍ରକାନ୍ତ ଜେନା ମଙ୍ଗଳବାର ସନ୍ଧ୍ୟାରେ ମେଡିକାଲ କାମରେ ବାଇକ୍‌ରେ ଯାଉଥିଲେ। ଡମଣା ଛକ ନିକଟରେ ଦୁଇ ଅଭିଯୁକ୍ତ ବାଇକରେ ପିଛାକରି ତାଙ୍କଠାରୁ ମୋବାଇଲ ଏବଂ ହ୍ୟାଣ୍ଡେଲରେ ଝୁଲୁଥିବା ବ୍ୟାଗ ଛଡାଇବାକୁ ଉଦ୍ୟମ କରିଥିଲେ। ବ୍ୟାଗ ଝାମ୍ପିନେବା ସମୟରେ ଉଭୟ ଅଭିଯୁକ୍ତ ବାଇକରୁ ଖସି ତଳେ ପଡ଼ିଯାଇଥିଲେ।

# ପଲିଥିନ କଟକଣା ପ୍ରହସନ

ଭୁବନେଶ୍ୱର,୨୩।୧(ବ୍ୟୁରୋ)

- ୬ ସହରରେ ପୁଣି ଅବାଧ ବ୍ୟବହାର
- ରିପୋର୍ଟ ଦେଉନାହାନ୍ତି ମହାନଗର ନିଗମ କର୍ତ୍ତୃପକ୍ଷ
- ଚିଠି ଲେଖିଲା ପରିବେଶ ବିଭାଗ
- ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ

ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୫ ମହାନଗର ନିଗମ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ପୌରପାଳିକାରେ ପଲିଥିନ ବ୍ୟବହାରକୁ ୨୦୧୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ନିଷେଧ କରିଛନ୍ତି। ତେବେ କିଛିଦିନ ଲୋକ ଦେଖାଣିଆ ଚଢାଉ ପରେ ମହାନଗର ନିଗମ କର୍ତ୍ତୃପକ୍ଷମାନେ ଶୋଇ ପଡ଼ିଛନ୍ତି। ଫଳରେ ଉପରୋକ୍ତ ସହର ସାରା ପୁଣି ପଲିଥିନମୟ ହେବାରେ ଲାଗିଛି। ପନିପରିବା ମାର୍କେଟଠାରୁ ଆରମ୍ଭ କରି ତେଜରାତି, ମାଛ, ମାଂସ ଦୋକାନ, ହୋଟେଲ, ବିବାହ ବ୍ରତ, ମେଳା ମହୋତ୍ସବ ସବୁଠି ପଲିଥିନ ଓ ୫୦୦ ମିଲିଲିଟରରୁ କମ୍ ପରିମାଣର ପାଣି ବୋତଲ ଗଡୁଛି। ସହର ତଳି ଅଞ୍ଚଳରେ କଟକଣା ଲାଗୁ କରାଯାଇ ନ ଥିବାରୁ ସେଠାରୁ ପଲିଥିନ ପ୍ରସ୍ତୁତ ହୋଇ ସହରକୁ ଅବାଧରେ ଆସୁଛି। ଅନ୍ୟପକ୍ଷରେ ବିଘଟନ ହେଉଥିବା ପଲିବ୍ୟାଗ ଦାମ ଅଧିକ ହେଉଥିବାରୁ ବ୍ୟବସାୟୀମାନେ ସେ ସବୁ କିଣି ଗ୍ରାହକଙ୍କୁ ଦେବାକୁ ପସନ୍ଦ କରୁ ନାହାନ୍ତି। ନିଷେଧ କରାଯାଇଥିବା ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ଶସ୍ତା ହୋଇଥିବାରୁ ବ୍ୟବସାୟୀମାନେ ଏହାକୁ ଅବାଧରେ ବ୍ୟବହାର କରୁଛନ୍ତି। କଟକଣା ଲଗାଇଥିବା ପରିବେଶ ବିଭାଗ ମଧ୍ୟ ଚିଠି ଲେଖି ହାତ ଟେକିଦେଇ ବସିଛି। କଟକଣା ଲଗାଯିବାର ୪ ମାସ ବିତିବାକୁ ବସିଥିବାବେଳେ ମହାନଗର ନିଗମଗୁଡ଼ିକରେ ପଲିଥିନ ମୁକ୍ତ ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଧୂଆଁବାଣରେ ପରିଣତ ହୋଇଛି।

ଗତ ୪ ମାସ ମଧ୍ୟରେ ମହାନଗର ନିଗମ ଓ ପୁରୀ ପୌର ପ୍ରଶାସନ ପଲିଥିନ ବ୍ୟବହାର ରୋକିବାକୁ କି ପଦକ୍ଷେପ ନେଇଛନ୍ତି ସେ ନେଇ ରିପୋର୍ଟ ଦେବାକୁ କୁହାଯାଇଥିଲେ ମଧ୍ୟ କୌଣସି ମହାନଗର ନିଗମ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଏନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ମଙ୍ଗଳବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମହାନଗର ନିଗମ ଏବଂ ପୁରୀ ପୌରପାଳିକାକୁ ପୁଣି ଏକ ଚିଠି ଲେଖାଯାଇଛି। କଟକଣା ହେବା ପରଠାରୁ କି ପଦକ୍ଷେପ ନିଆଯାଇଛି, କେତେ ପରିମାଣ ପଲିଥିନ ଜବତ ହୋଇଛି ଓ କେତେ ଜରିମାନା ଆଦାୟ ହୋଇଛି ସେନେଇ ସମସ୍ତ ତଥ୍ୟ ସପ୍ତାହକ ମଧମରେ ଦେବାକୁ କୁହାଯାଇଛି। ଏଥିସହିତ ପଲିଥିନ କଟକଣାକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପରିବେଶ ବିଭାଗ ନିର୍ଦ୍ଦେଶକ କେ. ମୁରୁଗେଶନ କହିଛନ୍ତି। ରିପୋର୍ଟ ମିଳିବା ପରେ କଟକଣା ନେଇ ସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ପରିବେଶ ପାଇଁ ପଲିଥିନ ମାରାତ୍ମକ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଗ୍ର ରାଜ୍ୟରୁ ପଲିଥିନ ହଟାଇବାକୁ ଯୋଜନା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬ ସହରାଞ୍ଚଳରୁ ଏହି କଟକଣା ଆରମ୍ଭ କରାଯାଇଥିବାବେଳେ ଆସନ୍ତା ୨ ବର୍ଷ ମଧ୍ୟରେ ସାରା ରାଜ୍ୟରେ ପଲିଥିନ ବ୍ୟବହାର ନିଷେଧ କରିବାକୁ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶନାମା ସହରାଞ୍ଚଳରେ କାର୍ଯ୍ୟକାରୀ ହୋଇ ପାରୁ ନ ଥିବାବେଳେ ରାଜ୍ୟ ସାରା କିପରି କାର୍ଯ୍ୟକାରୀ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ, ଗ୍ଲାସ୍, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ୍, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସକ୍ରିୟ ରାଜନୀତିରେ ...

ଦୁର୍ବଳ ହେବାରେ ଲାଗିଥିବାରୁ ଏହାକୁ ସୁଦୃଢ଼ କରିବା ପାଇଁ ରାହୁଲ ୪୭ ବର୍ଷୀୟା ପ୍ରିୟଙ୍କାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ୮୦ ଲୋକ ସଭା ଆସନ ବିଶିଷ୍ଟ ଏହି ହିନ୍ଦୀଭାଷୀ ରାଜ୍ୟରେ ନିର୍ବାଚନ ବେଳେ ସେ ରାହୁଲଙ୍କୁ ସାହାଯ୍ୟ କରିବେ। ପ୍ରିୟଙ୍କାଙ୍କ ନିଯୁକ୍ତି ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ଭରିଦେବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ଅମେଠି ଗସ୍ତରେ ଥିବା ରାହୁଲ କହିଛନ୍ତି, ଏସ୍‌ପି ଏବଂ ବିଏସ୍‌ପି ସହିତ ତାଙ୍କର କୌଣସି ଶତ୍ରୁତା ନାହିଁ। ଭାଜପାକୁ ପରାଜିତ କରିବା ଲାଗି ଗଢ଼ାଯାଇଥିବା ଏହି ମେଣ୍ଟକୁ ସହଯୋଗ କରିବା ପାଇଁ ସେ ପ୍ରସ୍ତୁତ। ୟୁପିରେ କଂଗ୍ରେସ ପାଇଁ ସକାରାତ୍ମକ ପରିବର୍ତ୍ତନ ଆଣିବା ଲାଗି ପ୍ରିୟଙ୍କାଙ୍କୁ ଦାୟିତ୍ୱ ଦେଇ ଦଳ ବଡ଼ ପଦକ୍ଷେପ ନେଇଛି। ପ୍ରିୟଙ୍କା ଏଥିଲାଗି ଅତ୍ୟନ୍ତ ସକ୍ଷମ। ଗୁଜରାଟ ହେଉ କି ଉତ୍ତରପ୍ରଦେଶ, ଆମେ ବ୍ୟାକ୍‌ଫୁଟ୍‌ରେ ରହିବୁ ନାହିଁ ବୋଲି ରାହୁଲ କହିଛନ୍ତି।

ସେପଟେ ସକ୍ରିୟ ରାଜନୀତିକୁ ପ୍ରିୟଙ୍କା ଆସିବା ପରେ ମା' ସୋନିଆଙ୍କ ଆସନ ରାଏବରେଲି ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପ୍ରିୟଙ୍କା ଫେବୃୟାରୀ ପ୍ରଥମ ସପ୍ତାହରେ ପୂର୍ବ ୟୁପିର ଏଆଇସିସି ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନେବେ ବୋଲି କଂଗ୍ରେସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ଅବସରରେ ପ୍ରିୟଙ୍କାଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ବ୍ୟବସାୟୀ ରବର୍ଟ ଭଦ୍ରାଙ୍କୁ ବିବାହ କରିଥିବା ପ୍ରିୟଙ୍କାଙ୍କର ୨ଟି ସନ୍ତାନ ଅଛନ୍ତି। ଅନ୍ୟପକ୍ଷରେ ଭାଜପା ଏହାକୁ ସମାଲୋଚନା କରିଛି। ରାହୁଲ ଗାନ୍ଧୀ ବିଫଳ ହେବା ପରେ ପ୍ରିୟଙ୍କାଙ୍କୁ ରାଜନୀତିକୁ ଆଣିଥିବା ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି। ସଂଯୁକ୍ତ ଜନତା ଦଳ (ଜେଡିୟୁ) ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର କଂଗ୍ରେସର ଏହି ପଦକ୍ଷେପକୁ ଭାରତୀୟ ରାଜନୀତିର 'ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ' ଭାବେ ଅଭିହିତ କରି ପ୍ରିୟଙ୍କାଙ୍କୁ ସ୍ୱାଗତ କରିଛନ୍ତି।

ଏହାବାଦ୍ କଂଗ୍ରେସ ଅଧ୍ୟକ୍ଷ ରାହୁଲ ପଶ୍ଚିମ ୟୁପି ସାଧାରଣ ସମ୍ପାଦକ ଭାବେ ଦଳର ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ନିଯୁକ୍ତ କରିଛନ୍ତି। ଉଭୟଙ୍କୁ ବରିଷ୍ଠ ନେତା ଗୁଲାମନବୀ ଆଜାଦଙ୍କ ସ୍ଥାନରେ ଦାୟିତ୍ୱ ଦିଆଯାଇଛି। ପ୍ରିୟଙ୍କା ଓ ଜ୍ୟୋତିରାଦିତ୍ୟଙ୍କୁ ରାଜ୍ୟର ୪୦ଟି ଲେଖାଏ ଆସନର ଦାୟିତ୍ୱ ଦିଆଯିବ ବୋଲି ନେତାମାନେ କହିଛନ୍ତି। ଅନ୍ୟପକ୍ଷରେ ସାଧାରଣ ନିର୍ବାଚନ ପୂର୍ବରୁ ରାହୁଲ ଦଳର ସାଂଗଠନିକ ପୁନର୍ଗଠନ କରି କେ.ସି. ବେଣୁଗୋପାଳଙ୍କୁ ସଙ୍ଗଠନର ସାଧାରଣ ସମ୍ପାଦକ ନିଯୁକ୍ତ କରିଛନ୍ତି। ତାଙ୍କୁ ଅଶୋକ ଗେହଲଟଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି, ଯିଏକି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି।

### କେନ୍ଦ୍ରାପଡ଼ା ସହରରେ ...

ମାତ୍ର ଏଠାରେ କାର୍ଯ୍ୟକ୍ରମ କରାଯିବା ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଟାଉନ ହାଇସ୍କୁଲ ସମ୍ମୁଖରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ସଦସ୍ୟମାନେ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଏସ୍‌ପି ନୀତିଶେଖର ଓ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ଉଭୟେ ଜିଦ୍‌ରେ ଅଟଳ ରହିବା ସହ ରାସ୍ତା ଉପରେ ବସି ଯିବାରୁ ଅପରାହ୍ନ ୩ଟା ବେଳେ ପ୍ରଥମେ ସଭାସ୍ଥଳରେ ୧୪୪ ଧାରା ଜାରି କରାଯାଇଥିଲା। ସନ୍ଧ୍ୟା ୬ଟା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତାମାନେ ଧ୍ୱଜା ଉତ୍ତୋଳନ ଓ ଅବତରଣ କରିବା ସହ ସ୍ୱଳ୍ପ ସମୟ ପାଇଁ ସଭା କରିଥିଲେ। ତେବେ ପରିସ୍ଥିତିକୁ ଅନୁଧ୍ୟାନ କରି ସହରସାରା ୧୪୪ ଧାରା ଜାରି କରାଯାଇଛି।

ଏ ସମ୍ପର୍କରେ ରାଷ୍ଟ୍ରୀୟ ସୁରକ୍ଷା ସମିତିର ଜିଲା ସହ ପ୍ରମୁଖ ସଞ୍ଜୟ ପତ୍ରୀ କହିଛନ୍ତି, ଭାରତର ଦୁଇ ବରପୁତ୍ରଙ୍କୁ ଅପମାନ କରିବା ରାଷ୍ଟ୍ରଦ୍ରୋହ ସହିତ ସମାନ। ଏହାର ପ୍ରତିବାଦରେ କେନ୍ଦ୍ରାପଡ଼ା ଜିଲା ବନ୍ଦ ଡାକରା ଦିଆଯାଇଛି। ସହରର ମଦକ୍ଷଦ ସଲିମ୍ କୁହନ୍ତି, ଏହି ଖେଳପଡ଼ିଆରେ କୌଣସି ସଭା ସମିତି କରାଯିବାକୁ ଜିଲା ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଏହି କ୍ରମରେ ଗତ ୩ ଦିନ ତଳେ ସଂଖ୍ୟାଲଘୁ ସମ୍ପ୍ରଦାୟର 'ସମ୍ମୀ' ସମ୍ମିଳନୀ ପାଇଁ ଜିଲା ପ୍ରଶସନ ପକ୍ଷରୁ ଅନୁମତି ଦିଆଯାଇ ନଥିଲା। ତେବେ ବିନା ଅନୁମତିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସଭା କାର୍ଯ୍ୟ କରାଯାଉଥିବାରୁ ଏହାକୁ ବିରୋଧ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ନୀତିଶେଖରଙ୍କୁ ପଚାରିବାରେ ସଭା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନାହିଁ। ଯେଉଁଥିପାଇଁ ଏହି ଉତ୍ତେଜନା ସୃଷ୍ଟି ହୋଇଥିବା ଏସ୍‌ପି କହିଛନ୍ତି। ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କୁହନ୍ତି, ଅଦ୍ୟାବଧି ଓଏସ୍‌ଏଏଫ୍ ସମେତ ଜିଲା ବାହାରୁ ୪ ପ୍ଲାଟୁନ ପୋଲିସ ଫୋର୍ସ ସହ ଓ ଜିଲା ପୋଲିସର ୪ପ୍ଲାଟୁନ ଫୋର୍ସ କେନ୍ଦ୍ରାପଡ଼ା ସହରରେ ମୁତୟନ ହୋଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଗୁରୁବାର ଏକ ଶାନ୍ତି କମିଟି ବୈଠକ ଡକାଯିବା ନେଇ ପ୍ରକ୍ରିୟା ଜାରି ରହିଛି ବୋଲି ପଣ୍ଡା କହିଛନ୍ତି। ଏସ୍‌ପି, ଉପ ଜିଲପାଳଙ୍କ ସମେତ ଏଡିଏମ୍ ବସନ୍ତ କୁମାର ରାଉତ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଡିଏସ୍‌ପି ଯାମିନୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

### ଧାନକିଣାରୁ ୪ କୋଟିରୁ ...

ଡିଭିଜନ ଏସ୍‌ପି ବେହେରା କହିଛନ୍ତି। ସୂଚନାଥାଉ କି, ରାଜ୍ୟବ୍ୟାପୀ ଧାନକିଣାକୁ ନେଇ ଅବ୍ୟବସ୍ଥା ଲାଗି ରହିଛି। କେଉଁଠି ମଣ୍ଡିରେ ଚାଷୀଙ୍କଠାରୁ ଧାନ ରଖାଯାଉନି ତ କେଉଁଠି ଚାଷୀ ମଣ୍ଡିକୁ ଧାନ ବିକ୍ରି କରିବାକୁ ଯାଇ ଶୋଷଣର ଶିକାର ହେଉଛି। ସମ୍ପ୍ରତି କଟକ ଜିଲାରେ ଧାନକିଣାକୁ ନେଇ ଅନେକଗୁଡ଼ିଏ ଅଘଟଣ ସାମ୍ନାକୁ ଆସିଲାଣି। ଗତ ସପ୍ତାହରେ ବଡ଼ମ୍ବା ନରସିଂହପୁର ଅଞ୍ଚଳରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରି ନ ପାରି ରାସ୍ତା ଉପରେ ଗଦା କରି ପ୍ରତିବାଦ କରିଥିଲେ। ସେହିପରି ଅନୁରୂପ ଅବସ୍ଥା ବାରଙ୍ଗ ବ୍ଲକରେ ଉପୁଜିଛି। ହରିଅନ୍ତା ପଞ୍ଚାୟତର ବସନ୍ତ ଜେନା ନାମକ ଜଣେ ଚାଷୀଙ୍କ କହିବା ଅନୁଯାୟୀ, ୬୮ କୁଇଣ୍ଟାଲ ଧାନ ନେଇ ସେ ମଣ୍ଡିକୁ ଯାଇଥିଲେ। କିନ୍ତୁ ମଣ୍ଡି କର୍ମଚାରୀମାନେ ୩୦ କୁଇଣ୍ଟାଲ ଧାନ ରଖି ବାକିତକ ତାଙ୍କୁ ଫେରସ୍ତ ଦେଇଥିଲେ। ଏପରିକି ବସନ୍ତଙ୍କ ଅଖାକୁ ମଧ୍ୟ ମଣ୍ଡି କର୍ମଚାରୀମାନେ ରଖିଦେଇଥିବା ସେ କହିଛନ୍ତି। ଏହିଭଳି ଭାବେ ରାଜ୍ୟର ଅଧିକାଂଶ ମଣ୍ଡିରେ ଚାଷୀଙ୍କୁ ହଇରାଣ ହରକତ କରାଯାଉଛି।

### ଅନୁକମ୍ପା ଘୋଷଣା ତୁରନ୍ତ...

ସରକାରଙ୍କ ପକ୍ଷରୁ ୧ଲକ୍ଷ ୫ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା। ଏ ବିଷୟରେ ସରପଞ୍ଚଙ୍କୁ ପଚାରିବାରୁ ସେ ଖୁବ୍‌ଶୀଘ୍ର ମିଳିଯିବ ବୋଲି କହିଛନ୍ତି। ଗାଁର ଅନେକ ଲୋକ ପାଇନାହାନ୍ତି ବୋଲି ସେ କହିଛନ୍ତି। ସେହି ଗ୍ରାମର ଗୁର୍‌ରା ଶବର କହିଛନ୍ତି ଯେ, ବାତ୍ୟାରେ ମୋର ସବୁ ଘର ଭାଙ୍ଗିଯାଇଛି। ଏ ପର୍ଯ୍ୟନ୍ତ ତାକୁ ତିଆରି କରିପାରିନାହିଁ। ବାହାରେ ଶୋଇବାକୁ ପଡୁଛି। ସରକାରଙ୍କ ପକ୍ଷରୁ ଟଙ୍କା ଦେବାକୁ କୁହାଯାଇଥିଲା, ହେଲେ ବହୁବାର ଦୌଡ଼ିବା ପରେ ମଧ୍ୟ ଅନୁକମ୍ପା ରାଶି ମିଳିପାରିନାହିଁ ବୋଲି ସେ କହିଛନ୍ତି।

ଗଜପତି ଜିଲାରେ ଅନୁକମ୍ପା ରାଶି ଦେବା ଦାୟିତ୍ୱରେ ଥିବା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ଅରୁଣ କୁମାର ତ୍ରିପାଠୀ କହିଛନ୍ତି ଯେ, ପ୍ରାୟ ସମସ୍ତଙ୍କୁ ଘୋଷଣା କରାଯାଇଥିବା ସହାୟତା ଏବଂ ଘର ବାବଦ ଅର୍ଥ ମିଳିଯାଇଛି। ମାତ୍ର ଅଳ୍ପ କେତେଜଣ ଲୋକଙ୍କ କିଛି ସମସ୍ୟା ଥିବାରୁ ସେମାନଙ୍କୁ ମିଳିପାରିନାହିଁ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଗଜକେଶରୀ ଯୋଗ ପ୍ରଭାବରେ ଖୁସିମନରେ କାମ କରିବେ ଏବଂ ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଆଦର ପାଇ ମନର ଦୁଃଖକୁ ଭୁଲିଯିବେ। କର୍ମକ୍ଷେତ୍ରରେ ଭାବପ୍ରବଣତାରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ସତ୍‌ସଙ୍ଗ, ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ସ୍ତ୍ରୀଙ୍କ ଅମନଯୋଗୀ ସ୍ୱଭାବ ଯୋଗୁ କ୍ଷୁବ୍ଧ ହେବେ।

**ବୃଷ** ପରିବାର ସ୍ଥାନରେ ଚନ୍ଦ୍ର ପାରିବାରିକ ସୁଖ, ଶାନ୍ତି ସୌହାର୍ଦ୍ଦ୍ୟ ପ୍ରଦାନ କରିବ। ଆର୍ଥିକ ଦୁରବସ୍ଥାକୁ ବାଲ୍ୟବନ୍ଧୁ ଦୂରେଇ ନେବାରେ ସାହାଯ୍ୟ କରିବେ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ଶିଳ୍ପ,ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗିରହିବ। ବିବାଦୀୟ ଘଟଣାରେ ବିଚଳିତବୋଧ କରିପାରନ୍ତି।

**ମିଥୁନ** ଅଷ୍ଟମସ୍ଥ ପାପଗ୍ରହ ଭ୍ରାତୃସମ୍ପର୍କକୁ ତିକ୍ତ କରିପାରେ। ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସଭାସମିତି, ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବାର ସୂଚନା ପାଇ କେତେକାଂଶରେ ହାଲୁକା ଅନୁଭବ କରିବେ।

**କର୍କଟ** ମଙ୍ଗଳ ଭାଗ୍ୟସ୍ଥାନରେ ରହିଥିବାରୁ ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି କିମ୍ବା ହିତୈଷୀଙ୍କ ସୁନଜରରେ ଆସିବାର ସମ୍ଭାବନା ରହିଛି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** ଶନିଙ୍କ ସ୍ଥିତିଜନିତ ଆପଣ କୌଣସି କାମ କରିସାରିବା ପରେ ପଶ୍ଚାତାପ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ରାଜନୈତିକ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ପାଇବା ହେତୁ ବିଚଳିତ ଅନୁଭବ କରିପାରନ୍ତି।

**କନ୍ୟା** ନବମ ଭାବକୁ ଶୁଭଦୃଷ୍ଟି ଧାର୍ମିକ କାର୍ଯ୍ୟ କରିବା ପାଇଁ ମାନସିକ ପ୍ରସ୍ତୁତି କରିପାରନ୍ତି। ଏହା ସାଙ୍ଗକୁ ସକାଳୁ ସକାଳୁ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଖୋଜୁଥିବା ଲୋକଟିକୁ ଠିକଣା ଜାଗାରେ ନ ପାଇ ବ୍ୟସ୍ତ ହୋଇପାରନ୍ତି। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ।

**ତୁଳା** କର୍ମସ୍ଥାନରେ ଚନ୍ଦ୍ର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତିରେ ଭାରସାମ୍ୟ ରକ୍ଷା କରିବାରେ ସମର୍ଥ ହେବ। ଅନ୍ୟ ମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମଗୁଡିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ନୂତନ ଯାନବାହନ, ବସ୍ତ୍ରଭୂଷଣାଦି କ୍ରୟ କରିବାର ଯୋଗ ରହିଛି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବାର ଯୋଗ ରହିଛି କିନ୍ତୁ ମୁଖଭାବସ୍ଥ ଶନି ପ୍ରକାଶଭଙ୍ଗୀକୁ ଏପଟସେପଟ କରିଦେଇପାରେ। କେତେକ କ୍ଷେତ୍ରରେ ଅପ୍ରିୟସତ୍ୟ କଥା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ଅଧସ୍ତନ କର୍ମଚାରୀଙ୍କ ମନମୁଖିଆ ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିବ। ଆଲୋଚନା ମାଧ୍ୟମରେ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** ଶନିଙ୍କ କୁପ୍ରଭାବରୁ ଆଳସ୍ୟ ଓ ଅବହେଳାଜନିତ କର୍ମହାନିର ସୂଚନା ରହିଛି। ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟକରିବାରେ ସହାୟକ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ।

**ମକର** ବୃହସ୍ପତି ଓ ମଙ୍ଗଳଙ୍କ କ୍ଷେତ୍ର ବିନିମୟ ଯୋଗ ଆପଣଙ୍କୁ ନୂତନ ଚିନ୍ତା ଓ ଚେତନା ମାଧ୍ୟମରେ ଉତ୍ସାହିତ କରିବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟିର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ସଭାସମିତି କ୍ଷେତ୍ରରେ ସଫଳତା ଲାଭ କରିବେ।

**କୁମ୍ଭ** ପରିସ୍ଥିତିର ବଶବର୍ତ୍ତୀ ହୋଇ ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିର ବ୍ୟବସାୟ,ବାଣିଜ୍ୟ ପ୍ରତିବନ୍ଧକ ମୁକ୍ତ ରହିବ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଉଦ୍‌ବେଗର କାରଣ ହୋଇପାରେ। ଆଲୋଚନା ପରିସରରେ ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ରହିବେ।

**ମୀନ** ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ସୁଧୁରିଯାଇଥିବାରୁ ମାନସିକ ସ୍ତରରେ ଉତ୍ସାହିତ ହୋଇପାରନ୍ତି। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ହସ ଖୁସିରେ ଅତିବାହିତ ହେବ। ଅଯଥା ଗୁଡାଏ କାଳ୍ପନିକ ବିଷୟବସ୍ତୁକୁ ନେଇ ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ମାଘ କୃଷ୍ଣପକ୍ଷର ସଙ୍କଟ ଚତୁର୍ଥୀ ଗୁରୁବାର, ଜାନୁୟାରୀ ୨୪ ତାରିଖ, ଜାତୀୟ କନ୍ୟାସନ୍ତାନ ଦିବସ, ରାଷ୍ଟ୍ରୀୟ ବାଳିକା ଦିବସ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣଂ, ଦିବା ଘ୧୦।୪୦ମି. ଗତେ ଘ୧୨।୦୩ମି. ମଧ୍ୟେ, ଘ୧।୨୬ମି. ଗତେ ଘ୨।୪୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୫୪ମି. ମଧ୍ୟେ ଘ୧୨।୦୩ମି. ଗତେ, ଘ୧।୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୧ମି. ଗତେ ଘ୨।୪୪ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୨୪/୨୦୧୯ Balasore, Thursday, January 24/ 2019

## ସଂକ୍ଷେପରେ

### ଅବକାରୀ ଚଢାଉ: ଦୁଇ ଗିରଫ

**ରାଇରଙ୍ଗପୁର, ୨୩।୧ (ଡି.ଏନ୍.ଏ.):** ରାଇରଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ବୁଧବାର ପାଟ୍ରୋଲିଂ ବେଳେ ୨ ଜଣ ମଦ ବେପାରୀଙ୍କୁ ଗିରଫ କରାଯିବା ସହ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ମଦ ବେପାରୀ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଗୋପୀନାଥପୁର ଗ୍ରାମର ମହିଳା ଦେଉଲା ମାରାଣ୍ଡି ଏବଂ ସୁନାପୋଷି ଗ୍ରାମର ଧଳେଶ୍ୱର ପାତ୍ର । ଏନେଇ ଅବକାରୀ ବିଭାଗ ପକ୍ଷରୁ ୨ଟି ମାମଲା ରୁଜୁ ହୋଇଛି।

### ପୃଥକ ସ୍ଥାନରୁ ୨ ମୃତଦେହ ଜବତ

**କେନ୍ଦୁଝର, ୨୩।୧(ସ୍ୱ.ପ୍ର.):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ କାଠବାରୀ ଗ୍ରାମ ନିକଟ ରାସ୍ତା କଡ଼ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ନାମ ଜାପାନି ନାଏକ। ମୃତଦେହ ନିକଟରେ ଏକ ଚଦରରେ ପନିପରିବା ବନ୍ଧା ହୋଇ ପଡିଥିଲା। ତାଙ୍କର କାନ ପାଖରେ ଗଭୀର କ୍ଷତ ହୋଇ ରକ୍ତ ବାହାରି ଥିବାରୁ ପରିବାର ଲୋକ ହତ୍ୟା ସନ୍ଦେହ କରିଛନ୍ତି।

ସେହିପରି ପଣ୍ଡାପଡା ଥାନା ଅନ୍ତର୍ଗତ ଜୁଙ୍ଗା ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ତାଙ୍କ ନାମ ମଞ୍ଜୁରୀ ମାରାଣ୍ଡି। ମଞ୍ଜୁରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ନେଇ ମହିଳାଙ୍କ ମା' ଶ୍ରୀମତୀ ମହାରଣା ଅଭିଯୋଗ କରିଛନ୍ତି।

### କୂଅରେ ପଡ଼ି ଜୀବନ ଗଲା

**ପାଟଣା, ୨୩।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ସରାସକୋଲା ପଞ୍ଚାୟତ ଜିଆଣିସାହିରେ ମଙ୍ଗଳବାର ଜଣେ ବ୍ୟକ୍ତି କୂଅରେ ପଡ଼ି ମୃତ୍ୟୁ ଘଟିଛି। ସେ ହେଲେ ସ୍ୱର୍ଗତ ଚର୍ତୁଭୁଜ ନାଏକଙ୍କ ପୁଅ ଦଶରଥ। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ବୁଧବାର କୂଅ ଭିତରୁ ଶବ ଉଦ୍ଧାର କରିଥିଲେ। ପାଟଣା ଥାନାରେ ଏକ ମାମଲା (ନଂ.୪/୧୯) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଦଶରଥଙ୍କ ମୂଷାଖରୀ ଗ୍ରାମରେ ହୋଇଥିବା ବେଳେ ଜିଆଣି ସାହିରେ ଘର ଜ୍ୱାଇଁ ଭାବେ ରହୁଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

**ରାଇରଙ୍ଗପୁର, ୨୩।୧ (ଡି.ଏନ୍.ଏ.):** ରାଇରଙ୍ଗପୁର ଥାନା ଭାଲୁବସା ଗ୍ରାମ ନିକଟ ପେଟ୍ରୋଲ ପମ୍ପ ପାର୍ଶ୍ୱରେ ମଙ୍ଗଳବାର ରାତିରେ ଏକ ଗାଡ଼ି ଧକାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଇରଙ୍ଗପୁର ସହରାଞ୍ଚଳ ଥାନା ମହିଷାନେଦା ଗ୍ରାମର ସୁପାର ମାରାଣ୍ଡୀ (୩୨) । ପାଟ୍ରୋଲିଂ କରୁଥିବା ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ରାଇରଙ୍ଗପୁର ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ମାମଲା ( ନଂ ୮/୧୯) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡି ସମ୍ପର୍କରେ କିଛି ସୂଚନା ମିଳିପାରି ନାହିଁ।

ତାପସମାନୁ କ୍ରିକେଟ୍ ଟୁର୍ନାମେଣ୍ଟ

### ବାରିପଦା ଡିଆରକେ ଦଳ ବିଜୟୀ

**ଉଦଳା,୨୩।୧ (ଡି.ଏନ.ଏ.):** ଉଦଳା ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ତାପସମାନୁ ତୃତୀୟ ମେମୋରିଆଲ ପତଞ୍ଜଳି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ନାଗପାଳ ରାବଣ ପୋଡି ପଡିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ୨୩ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, କ୍ରୀଡ଼ାବିତ୍ ଅମୀୟ କୁମାର ବଳ, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ଦିବସରେ ବାରିପଦା ଡିଆରକେ ଏବଂ ବାଲେଶ୍ୱର ମର୍ଣ୍ଣିଂ ଷ୍ଟାର କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ବାରିପଦା ଡିଆରକେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୩୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅବିନାଶ ଖଣ୍ଡେଲୱାଲ ସର୍ବାଧିକ ୭୬ ରନ୍ କରିଥିଲେ। ଅପରପକ୍ଷେ ବାଲେଶ୍ୱର ଦଳ ନିର୍ଦ୍ଧାରିତ ଓଭରରେ ୧୨୪ ରନ୍ ସଂଗ୍ରହ କରିପାରିଥିଲା। ଫଳରେ ବାରିପଦା ଡିଆରକେ ଦଳ ୧୦୬ ରନ୍‌ରେ ବିଜୟୀ ହୋଇଛି। ଏହି ଖେଳକୁ ଅମ୍ପାୟାର ଭାବେ ଏସ.ଆର. ପଟ୍ଟନାୟକ ଏବଂ ସୁଶାନ୍ତ ମହାନ୍ତି ପରିଚାଳନା କରିଥିଲେ ।

ଜେଏମ୍‌ଏମ୍ ଜନସମାବେଶରେ କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ

# କାହା ବିରୋଧରେ କହିଲେନି

**ବାରିପଦା ଅଫିସ,୨୩।୧**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଭାତଛତରଠାରେ ଜେଏମଏମ (ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା)ର ନିର୍ବାଚନ ମଣ୍ଡଳୀସ୍ତରୀୟ ଜନସମାବେଶ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଜେଏମଏମ କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ଯୋଗ ଦେଇଥିଲେ। ହେଲେ ସେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ବିରୋଧରେ ନ ଗର୍ଜି ନରମ ମନୋଭାବ ପୋଷଣ କରିଥିବାରୁ କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି। ହେଲେ ଦଳର ଅନ୍ୟ ଆଶାୟୀ ପ୍ରାର୍ଥୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଓଡ଼ିଶା କଂଗ୍ରେସ ସହିତ ଜେଏମଏମର ମେଣ୍ଟ ହେବା ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ କେନ୍ଦ୍ରୀୟ ଅଧ୍ୟକ୍ଷ ସୋରେନ ମୁହଁ ଖୋଲିଥିଲେ । ରାଜ୍ୟରେ ମେଣ୍ଟ ହେବା ନେଇ ଦଳ ପକ୍ଷରୁ କୌଣସି ସିଦ୍ଧାନ୍ତ ନିଆଯାଇ ନାହିଁ। ଆସନ୍ତା ୩୦ ତାରିଖରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ ଗଣମାଧ୍ୟମକୁ କହିଥିଲେ।

ମୟୂରଭଞ୍ଜ ଜିଲାର ଆଦିବାସୀଙ୍କ ସୁଖଦୁଃଖରେ ଜେଏମଏମ ଆରମ୍ଭରୁ ସାମିଲ ହୋଇଛି ଏବଂ ଆଗକୁ ବି ରହିଥିବ । ଏଣୁ ଜିଲାର ଆଦିବାସୀଙ୍କ ସମଗ୍ର ବିକାଶ ପାଇଁ ଜେଏମଏମ ହାତରେ ଶାସନ କ୍ଷମତା ଦେବାକୁ ସେ ମୟୂରଭଞ୍ଜ ଜିଲାବାସୀଙ୍କୁ କହିଥିଲେ। ଏହି ସମାବେଶରେ ସେ ନିଜ ଝିଅ ତଥା ଜେଏମଏମ ରାଜ୍ୟ ମହିଳା ସଭାନେତ୍ରୀ ଅଞ୍ଜନି ସୋରେନଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଏହାପରେ ଜେଏମଏମ୍‌ର ରାଜ୍ୟ ମହିଳା ସଭାନେତ୍ରୀ ଅଞ୍ଜନି ସୋରେନ ସମବେତ ଜନତାଙ୍କୁ ଉଦ୍‌ବୋଧନ



କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନଙ୍କୁ ସ୍ୱାଗତ କରାଯାଉଛି।

- ଝିଅ ପାଇଁ ଭୋଟ ମାଗିଲେ
- 'କଂଗ୍ରେସ ସହିତ ମେଣ୍ଟ ଚୂଡ଼ାନ୍ତ ହୋଇନି'
- ମୟୂରଭଞ୍ଜର ଏମପି ପ୍ରାର୍ଥୀ ହେବେ ଅଞ୍ଜନି ସୋରେନ

ଦେଇଥିଲେ। ସେ ନିଜେ ଦଳର ମୟୂରଭଞ୍ଜ ଜିଲାର ଏମପି ପ୍ରାର୍ଥୀ ହେବେ ବୋଲି କହିଥିଲେ। ଯାହା ସଭାସ୍ଥଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଜେଏମଏମ୍‌ର ଜିଲା ସଭାପତି ଫାଗୁ ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ମୋରଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ବିଧାୟକ ପ୍ରାର୍ଥୀ କଳିଙ୍ଗ କେଶରୀ ଜେନା କିନ୍ତୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ, କାଗଜ କଳ ଆଦି ପ୍ରତିଷ୍ଠା ଦାବି କରିଥିଲେ। ସେହିପରି ରାଜ୍ୟ ସଭାପତି ମହେଶ ହେମ୍ବ୍ରମ, ରାଜ୍ୟ ମହିଳା ସଭାନେତ୍ରୀ ଅଞ୍ଜନି ସୋରେନ ଓ ବରିଷ୍ଠ ନେତା ଲକ୍ଷ୍ମଣ ଟୁଡୁ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

ପ୍ରକାଶଥାଉ କି ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଗସ୍ତରେ ଆସିଥିଲେ। ଯାହା ରାଜ୍ୟ ସମେତ ଜିଲା ରାଜନୀତିକୁ ସରଗରମ କରିଥିଲା। ଏହାପରେ ଜେଏମଏମ କେନ୍ଦ୍ରୀୟ ଅଧ୍ୟକ୍ଷ କିନ୍ତୁ ନିଜ ଦୁଇ ଦିନିଆ ଗସ୍ତ ଅବସରରେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ବିରୋଧରେ ପଦୁଟିଏ ମଧ୍ୟ ନ କହିବା ଜେଏମଏମ କର୍ମୀଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖାଦେଇଛି। ଏହି କାର୍ଯ୍ୟକ୍ରମରେ ମୋରଡ଼ା, ଶୁଳିଆପଦା ଓ ରାସଗୋବିନ୍ଦପୁର ଅଞ୍ଚଳର ହଜାର ହଜାର କର୍ମୀ ଯୋଗ ଦେଇଥିଲେ।






# ମୋବାଇଲ କିଣି ଫସିଲେ ଉପଭୋକ୍ତା

**ଔପଦା, ୨୩।୧(ଡି.ଏନ.ଏ.)**

ସାଧାରଣ ଲୋକଙ୍କୁ ଦୋକାନୀମାନେ ନିଜର ବ୍ୟବସାୟ ହେବା ବାହାନାରେ ଲୁଟୁଛନ୍ତି। ଏହିପରି ଏକ ଘଟଣା ପଦାକୁ ଆସିଛି ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ନିକଟସ୍ଥ ପାଟପୁର ଗ୍ରାମର ଚନ୍ଦନ କୁମାର ନାୟକ (ଆଡଭୋକେଟ) କିସ୍ତିରେ ମୋବାଇଲ କିଣି ଠକାମିର ଶିକାର ହୋଇଛନ୍ତି। ଏକଥା ଯାଇ ପଚାରିବାରୁ ଦୋକାନ ମାଲିକଙ୍କ ଠାରୁ ଧମକ ମିଳିଛି। ବିବରଣୀରୁ ପ୍ରକାଶ ଯେ ଗ୍ରାହକ ଖଇରା ବଜାରରେ ଏକ ମୋବାଇଲ ଦୋକାନରୁ ୧୨,୯୯୯ ଟଙ୍କା ଥିବା ମୋବାଇଲକୁ ବଜାଜ ଫାଇନାନ୍ସ ଦ୍ୱାରା ସହଜ ମାସିକ କିସ୍ତିରେ ଖରିଦ କରିଥିଲେ । ଖରିଦ ପୂର୍ବରୁ ଚୁକ୍ତିର ସର୍ତ୍ତ ଅନୁସାରେ ଶତକଡା ୩୦ ଭାଗ ମୂଳ ଜମାରାଶି ଅଗ୍ରୀମ ଦେବା ସହ ମାସିକ କିସ୍ତି ୧୧୦୦ ଲେଖା ପୈଠ କରିବାକୁ ଚୁକ୍ତି କରିଥିଲେ। ପରେ ବଜାଜ ଆଲିଆନ୍ସ ଲାଇଫ ଇନସ୍ୟୁରାନ୍ସର ଏକ ବର୍ଷକିଆ ଅବଧି ଥିବାବେଳେ ସ୍ୱାସ୍ଥ୍ୟ ବୀମା କରି ତାଙ୍କଠାରୁ ପ୍ରତ୍ୟେକ ମାସ ଅର୍ଥ ଲୁଟୁଥିବା ସେ କହିଛନ୍ତି । ସ୍ୱାସ୍ଥ୍ୟ ବୀମା ବିଷୟରେ ଗ୍ରାହକ ଦୋକାନ ମାଲିକଙ୍କୁ ପଚାରିବାରୁ ତାଙ୍କୁ ଧମକ ଦିଆଯିବା ସହିତ ତୁମକୁ ଏ ବିଷୟରେ ସବୁ ଜଣାଇ ଦିଆଯାଇଥିବା କହିଛନ୍ତି। ଏ ପରି ବିଭିନ୍ନ ପ୍ରକାର ଗ୍ରାହକ ପ୍ରତ୍ୟେକ ଦିନ ଆସି ସେ ଦୋକାନରେ ସହଜ ମାସିକ କିସ୍ତିରେ ମୋବାଇଲ ନେବା ବାହାନାରେ ଗ୍ରାହକ ମାନଙ୍କ ଠାରୁ ଶୋଷଣ କରୁଥିବା ବିଷୟ ଚର୍ଚ୍ଚା ଯୋର ଧରିଛି । ଆଡଭୋକେଟ ନାୟକ ଏନେଇ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି।

# ଉଦ୍ଧାର ହେଲେ ଅପହୃତା ଛାତ୍ରୀ

**ଜଳେଶ୍ୱର, ୨୩।୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ନେଇଯାଇଥିବା ଅଭିଯୋଗରେ ମୁଣ୍ଡୁଣିଆ ଗ୍ରାମର ସୌମ୍ୟରଞ୍ଜନ ବେହେରା (୨୩)ଙ୍କୁ ରାଇବଣିଆ ପୋଲିସ ବୁଧବାର ଗିରଫ କରିଛି। ଏହାସହିତ ଅପହୃତା ସ୍କୁଲ ଛାତ୍ରୀଙ୍କୁ ବାଲେଶ୍ୱରରୁ ପୋଲିସ ଉଦ୍ଧାର କରିଛି। ଉଭୟ ଛାତ୍ରୀ ଓ ଯୁବକଙ୍କୁ ପୋଲିସ ଡାକ୍ତରୀମାଇନା କରାଇଛି। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ କ୍ରମେ ଗିରଫ୍ ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ନାବାଳିକା ଅପହରଣ ମାମଲା(ନଂ.୪/୧୯) ରୁଜୁ ହୋଇଛି। ଥାନା ଇନଚାର୍ଜ ତଥା କୁଶଗଡ଼ ଫାଣ୍ଡି ଅଧିକାରୀ ଉମାକାନ୍ତ ମହାପାତ୍ର ଉକ୍ତ ମାମଲାର ତଦନ୍ତଭାର ନେଇଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, ଉଦ୍ଧାର ସ୍କୁଲ ଛାତ୍ରୀ ଜଣକ ସ୍କୁଲ ଛୁଟି ପରେ ନିଜ ଘରକୁ ଯିବା ବାଟରେ ଅଭିଯୁକ୍ତ ଜଣକ ତାଙ୍କୁ ଜୋରଜବରଦସ୍ତି ଭାବେ ଅପହରଣ କରି ନେଇଯାଇଥିଲେ।

# ବ୍ଲକ ସଂଘରୁ ବହିଷ୍କୃତ ହେଲେ ୩ ଜିଆର୍‌ଏସ୍

**ବାସୁଦେବପୁର, ୨୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତରେ କାର୍ଯ୍ୟରତ ଜିଆର୍‌ଏସ୍ ସଂଘକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ବାଲିନଗରସ୍ଥିତ ଯାଦବ ପଡ଼ିଆ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବ୍ଲକ ସଂଘ ପକ୍ଷରୁ ୩ ଜିଆର୍‌ଏସ୍‌ଙ୍କୁ ବହିଷ୍କୃତ କରାଯାଇଛି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ବାସୁଦେବପୁର ଶାଖାରେ କାର୍ଯ୍ୟରତ ୨୭ ସଦସ୍ୟଙ୍କ ମଧ୍ୟରୁ ୩ ଜିଆର୍‌ଏସ୍ ସାମିଲ ନ ହୋଇ କାର୍ଯ୍ୟରେ ଯୋଗ ଦେଇଥିବା ନେଇ ସଂଘ କ୍ଷୋଭ ପ୍ରକାଶ କରିଥିଲା। ସଭାପତି ଦେବପ୍ରକାଶ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତି କ୍ରମେ ସଂଘର ନିଷ୍ପତ୍ତିକୁ ବିରୋଧ କରି ବ୍ଲକ କାର୍ଯ୍ୟରେ ନିଜକୁ ସାମିଲ କରିଥିବା ବିଦେଇପୁର, ଜଗନ୍ନାଥପୁର ଓ ରାଜଘରପୋଖରୀ ପଞ୍ଚାୟତର ଜିଆର୍‌ଏସ୍‌ଙ୍କୁ ବହିଷ୍କୃତ କରାଯାଇଥିବା ବାସୁଦେବପୁର ସଂଘ ସଭାପତି, ସମ୍ପାଦକ ଲିଖିତ ଭାବେ ଜଣାଇଛନ୍ତି। ସମ୍ପାଦକ ଗଣେଶ ଚନ୍ଦ୍ର ଓଝା, ଉମାକାନ୍ତ ଖିଲାର, ଲମ୍ବୋଧର ଦାସ, ଯୋଗେନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ମହାକୁଡ, ଉମେଶ ଚନ୍ଦ୍ର ମହାନ୍ତି, ବିଜୟ କୁମାର କରଙ୍କ ସମେତ ଜିଆର୍‌ଏସ୍‌ମାନେ ବୈଠକରେ ଉପସ୍ଥିତ ଥିଲେ। କାର୍ଯ୍ୟରେ ଯୋଗଦାନ ସମ୍ପର୍କରେ ସଂଘ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ଚାଲିଥିବା ବେଳେ ଏହି ୩ ଜିଆର୍‌ଏସ୍ କାର୍ଯ୍ୟରେ ଯୋଗଦେବା ଘଟଣାକୁ ବ୍ଲକ ସଂଘ ନିନ୍ଦା କରିଛି।


ବୈଠକରେ ଜିଆର୍‌ଏସ୍ ସଂଘର କର୍ମକର୍ତ୍ତା।

ପିଲାକଳିକୁ ନେଇ ବୃଦ୍ଧାଙ୍କୁ ହତ୍ୟା ଘଟଣା

# ଧରାପଡ଼ିଲେ ଅଭିଯୁକ୍ତ

**ତିହିଡ଼ି, ୨୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ତଳହଂସପାଟ ଗ୍ରାମରେ ପିଲାକଳିକୁ କେନ୍ଦ୍ରକରି ଲକ୍ଷ୍ମୀ ନାୟକ(୭୫)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ୩ ମାସ ପରେ ପୋଲିସ ବୁଧବାର ଅଭିଯୁକ୍ତ ଝରଝର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ୨୦୧୮ ଅକ୍ଟୋବର ୧୫ ରେ ଲକ୍ଷ୍ମୀଙ୍କ ନାତି ସହ ସେହି ଗ୍ରାମର ଝରଝରଙ୍କ ପୁଅ ଖେଳୁଥିବା ବେଳେ କଳି ଲାଗିଥିଲେ। ଲକ୍ଷ୍ମୀ ସେଠାକୁ ଯାଇ ପିଲାଙ୍କ କଳିକୁ ସମାଧାନ କରିବା ସହ ତାଙ୍କ ନାତିକୁ ନେଇ ଚାଲିଆସିଥିଲେ। ଏହି ସମୟରେ ଝରଝର ସେଠାରେ ପହଞ୍ଚି ତାଙ୍କୁ ମାଡ଼ ମାରିବା ସହ ଜୋର୍‌ରେ ଠେଲି ଦେବାରୁ ସେ ତଳେ ପଡ଼ି ଯାଇଥିଲେ। ଏଥିରେ ଲକ୍ଷ୍ମୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତା ଲକ୍ଷ୍ମୀଙ୍କ ପୁଅ ଅର୍ଦ୍ଧଚନ୍ଦ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୩୫୬/୧୮) ରୁଜୁ କରି ତନାଘନା ଚଳାଇଥିଲା।

# ଜୀବନ ନେଲା ଦୁର୍ଘଟଣା

**ସଜନାଗଡ଼, ୨୩।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ କାଂଶ ପଞ୍ଚାୟତର କାଂଶ ହାଇସ୍କୁଲ ସମ୍ମୁଖରେ ବୁଧବାର ସନ୍ଧ୍ୟା ୭ଟାରେ ଏକ ବାଇକ୍ ଧକ୍କା ଦେବାରୁ ଘଟଣା ସ୍ଥଳରେ ବାଟୋଇଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ କାଂଶ ଗ୍ରାମର କଟିଆ ଦଣ୍ଡପାଟ (୬୦)। ଏଥିରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ୧୦୮କୁ ଫୋନ୍ କରିଥିଲେ ସୁଦ୍ଧା ଆମ୍ବୁଲାନ୍ସ ନଆସିବାରୁ ବାଧ୍ୟ ହୋଇ ଲୋକେ ଏକ ପ୍ରାଇଭେଟ ଗାଡ଼ିରେ ଗୁରୁତର ଯୁବକଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ସାଇଁକୁଳା ଗ୍ରାମର ଟୁଟୁ ଏକ ବାଇକରେ ନିଜ ଘରକୁ ଫେରୁଥିଲେ। ଘନ ଅନ୍ଧକାର ଭିତରେ ଏହି ଦୁର୍ଘଟଣା ମୁହାଁମୁହିଁ ହୋଇଥିଲା।

ମହିଳାଙ୍କୁ ଯୌତୁକ ନିର୍ଯାତନା ମାମଲା

# ସ୍ୱାମୀ ସମେତ ୩ ଗିରଫ

**ତିହିଡ଼ି, ୨୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ହରସିଂହପୁର ଗ୍ରାମର ପୂର୍ଣ୍ଣିମା ବାରିକ ନାମ୍ନୀ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ମାମଲାରେ ପୋଲିସ ବୁଧବାର ସ୍ୱାମୀ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୂର୍ଣ୍ଣିମାଙ୍କ ସ୍ୱାମୀ ଗଣେଶ ବାରିକ, ଖୁଡୁତାଶୁର ପୀତାମ୍ବର ଓ ଖୁଡିଶାଶୁ ବାସନ୍ତୀ। ଉଲ୍ଲେଖନୀୟ ଯେ, ଚାନ୍ଦବାଲି ଥାନା ଅଧୀନ ସାନସିଂପୁର ଗ୍ରାମର ଗଜେନ୍ଦ୍ର ବାରିକଙ୍କ ଝିଅ ପୂର୍ଣ୍ଣିମା ୨ ବର୍ଷ ତଳେ ହରସିଂପୁର ଗ୍ରାମର ଗଣେଶଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ପୂର୍ଣ୍ଣିମାଙ୍କୁ ନିର୍ଯାତନା ଦେଉଥିଲେ। ଏନେଇ ଅଭିଯୋଗ ହେବା ପରେ ତିହିଡ଼ି ଥାନା ପୋଲିସ ଏକ ମାମଲା(ନଂ. ୭/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

# ବାଲି ଉଠାଣ ଆଳରେ ପଥର ଚାଲାଣ



**ତେଲକୋଇ, ୨୩।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟ ଦେଇ ବୋହି ଯାଇଥିବା ସାମାକୋଇ ନଦୀରୁ ବାଲି ଉଠାଣ ଆଳରେ ପଥର ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ବେଆଇନ ଭାବେ ବେଧଡ଼କ ପଥର ଲୁଟ ହେଉଛି। ବାଲି ଉଠାଣ ନାମରେ ପଥର ଚାଲାଣ ଯୋଗୁଁ ନଦୀର ଗତି ବଦଳିବା ଆଶଙ୍କା ରହିଛି। ଉକ୍ତ ନଦୀପଠାରୁ ଲିଜଧାରୀ କେବଳ ବାଲି ନେବା ପାଇଁ ନିର୍ଦ୍ଦେଶ ରହିଛି। ବାଲି ବଦଳରେ ପଥର ଖେଳି ନିଆ ଯାଉଛି।

ତେଲକୋଇ ମୁଖ୍ୟାଳୟ ଦେଇ ପଥର ବୋଝେଇ ଗାଡ଼ି ଯାଉଛି। ସାମାକୋଇ ପଠା ପ୍ରତି ବିପଦ ସୃଷ୍ଟି ହୋଇଛି। ଦେଉଳଡିହା ପଞ୍ଚାୟତ ବ୍ୟାପକ କ୍ଷତି ହେବା ଆଶଙ୍କା ରହିଛି। ତେଲକୋଇ ସରପଞ୍ଚ ମାନସ କୁମାର ନାଏକଙ୍କୁ ପଚାରିବାରୁ ବାଲି ଲିଜ ଦିଆଯାଇଛି। ପଥର ନିଆଗଲେ ତେଲକୋଇ ସମେତ ବିଭିନ୍ନ ଗ୍ରାମ ପ୍ରତି ବିପଦ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଏ ନେଇ ସ୍ଥାନୀୟ ତହସିଲଦାର ଏ.କେ ନାୟକଙ୍କୁ ପଚାରିବାରୁ ତଦନ୍ତ କରାଯାଉଛି। ପଥର ଗାଡିଗୁଡିକୁ ସିଜ କରାଯିବା ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଖଣି ଠିକାଦାରଙ୍କ ମନମୁଖି କାର୍ଯ୍ୟ

**ଯୋଡ଼ା, ୨୩।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ବଳଦାସ୍ଥିତ ସିରାଜ୍‌ଉଦ୍ଦିନ୍ ଖଣିର ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ଶତାଧିକ ଡମ୍ପର ମାଲିକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପରିବହନ କାର୍ଯ୍ୟରୁ ବଞ୍ଚିତ ଡମ୍ପର ମାଲିକ କାର୍ଯ୍ୟଦାବି କରିଛନ୍ତି। ଉକ୍ତ ଖଣିରେ କାର୍ଯ୍ୟ ନେଇଥିବା ଠିକା ସଂସ୍ଥା ଅଧୀନରେ ପ୍ରାୟ ୧ ହଜାର ୭ ଶହ ଡମ୍ପର ପରିବହନ କାର୍ଯ୍ୟରେ ନିୟୋଜିତ ଅଛି। ତିନିଦିନ ହେବ ଉକ୍ତ ଠିକା ସଂସ୍ଥା ୧୦, ୧୨, ୧୪ ଚକିଆ ଟ୍ରକ୍ ଚଳାଚଳ କରି ପରିବହନ କାର୍ଯ୍ୟ କରୁଛି। ପୂର୍ବରୁ ନିୟୋଜିତ ଥିବା ଡମ୍ପର ପରିବହନ କାର୍ଯ୍ୟରୁ ବଞ୍ଚିତ କରାଯାଇଛି। ଏ ନେଇ ଡମ୍ପର ମାଲିକ ସଂଘ ମାଇନିଂ ଏରିଆ ଟ୍ରକ୍ ଓନର ଆସୋସିଏଶନ ପକ୍ଷରୁ ସମାଧାନ ପାଇଁ ଲିଖିତ ଭାବେ ସ୍ଥାନୀୟ ପୋଲିସ ପ୍ରଶାସନକୁ ଜଣାଇଥିଲେ।



ଯୋଡ଼ା ଥାନାରେ ଦ୍ୱାରସ୍ଥ ହୋଇଥିବା ଡମ୍ପର ମାଲିକ।

ଉକ୍ତ ଠିକା ସଂସ୍ଥା ମନମୁଖୀ କାର୍ଯ୍ୟ କରୁଛି। ସିରାଜ୍‌ଉଦ୍ଦିନ୍ ଖଣିରୁ ଜିନ୍ଦଲ ପ୍ଲାଣ୍ଟକୁ ଡମ୍ପରରେ ପରିବହନ ହୋଇଥାଏ। ଠିକାସଂସ୍ଥା ଉକ୍ତ ଡମ୍ପର ଗୁଡିକୁ ନିଜ ପରିବହନ କାର୍ଯ୍ୟରେ ନିୟୋଜିତ ନ କରି ବଡବିଲ୍, କେନ୍ଦୁଝର ବାହାର ଅଞ୍ଚଳରୁ ଅନ୍ୟ ଟ୍ରକ୍ ନିୟୋଜିତ କରି ପରିବହନ କାର୍ଯ୍ୟ କରୁଅଛି। ଡମ୍ପର ମାଲିକ କାର୍ଯ୍ୟହରା ହୋଇଛନ୍ତି। ଗାଡିର ଡ୍ରାଇଭର, ଖଲାସି, ଗାଡି ମାଲିକଙ୍କ ଚିନ୍ତା ବୃଦ୍ଧି ପାଇଛି। ସ୍ଥାୟୀ ସମାଧାନ ପାଇଁ ଯୋଡା ଥାନାର ଦ୍ୱାରସ୍ଥ ହୋଇଛୁ ବୋଲି ଡମ୍ପର ମାଲିକ ସଞ୍ଜୟ ପାତ୍ର, ସଞ୍ଜୟ ବାରିକ, ଅଜୟ ସିହ୍ନା, ରମେଶ ରାଉତ, ସଏବ୍ ଖାନ୍ ପ୍ରମୁଖ କହିଛନ୍ତି।

- ପରିବହନ କାର୍ଯ୍ୟରୁ ବଞ୍ଚିତ ଡମ୍ପର ମାଲିକ
- ସମାଧାନ ଲାଗି ଥାନାର ଦ୍ୱାରସ୍ଥ

ଏ ନେଇ ଆଇଆଇସି ମନୋଜ କୁମାର ରାଉତଙ୍କୁ ପଚାରିବାରୁ ଡମ୍ପର ମାଲିକମାନେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପରିବହନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଉକ୍ତ ଠିକା ସଂସ୍ଥା ପକ୍ଷରୁ ୫ ହଜାର ଡମ୍ପର ଆବଶ୍ୟକ କରାଯାଇଥିଲା। ଡମ୍ପର ମାଲିକ ସଂଘ ପକ୍ଷରୁ ସାଢେ ୩ ହଜାର ଡମ୍ପର ଯୋଗାଇ ଦିଆଯିବାରୁ ଅବଶିଷ୍ଟ ଗାଡି ପାଇଁ ଯୋଡା ଟ୍ରକ୍ ଓନର ଆସୋସିଏଶନର ୧୦,୧୨,୧୪ ଚକିଆ ଟ୍ରକ୍‌କୁ ନିୟୋଜିତ କରାଯାଇଥିବା ଉକ୍ତ ଠିକାସଂସ୍ଥାର ଅଧିକାରୀ କହିଥିବା ସେ କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

